# NATIONAL NEWS BULLETIN (ODIA)

**29 May - 2024**

**Mid Bulletin : 1.50 p.m.**

# ମୁଖ୍ୟ ସମ୍ବାଦ

- ବରିଷ୍ଠ ବିଜେପି ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ସମଗ୍ର ବିଶ୍ୱ ଆଜି ଭାରତକୁ ସମ୍ମାନର ସହ ଦେଖୁଛି ।
- ଅନ୍ତରିଣ ଜାମିନ ଅବଧି ବୃଦ୍ଧି କରିବା ସଂକ୍ରାନ୍ତ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲଙ୍କ ଆବେଦନ ଉପରେ ଶୁଣାଣିକୁ ଅଗ୍ରାହ୍ୟ କଲେ ସୁପ୍ରିମକୋର୍ଟ ରେଜିଷ୍ଟ୍ରି ।
- ଛତିଶଗଡ଼ରେ ସୁରକ୍ଷା ବାହିନୀ ସହ ଗୁଳି ବିନିମୟରେ ୨ ଜଣ ମାଓବାଦୀଙ୍କର ମୃତ୍ୟୁ ।

ଏବଂ

- ନେଦରଲ୍ୟାଣ୍ଡର ପରବର୍ତ୍ତୀ ପ୍ରଧାନମନ୍ତ୍ରୀ ହେବେ ଗୁଇନ୍ଦା ସଂସ୍ଥାର ପୂର୍ବତନ ମୁଖ୍ୟ ଡିକ୍ ସ୍କୋଫ୍ ।

## ପିଏମ୍-ର୍‍ୟାଲି

ବରିଷ୍ଠ ବିଜେପି ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ସମଗ୍ର ବିଶ୍ୱ ଆଜି ଭାରତକୁ ସମ୍ମାନର ସହ ଦେଖୁଛି । ପଶ୍ଚିମବଙ୍ଗର ମଥୁରାପୁରରେ ଏକ ର୍‍ୟାଲିକୁ ସମ୍ବୋଧନ କରି ସେ କହିଛନ୍ତି କେନ୍ଦ୍ରରେ

ବିଜେପି ନେତୃତ୍ୱାଧୀନ ସ୍ଥିର ସରକାର ଏବଂ ଏହାର ବୈଦେଶିକ ନୀତି ଯୋଗୁଁ ଏହା ସମ୍ଭବ ହୋଇପାରିଛି ।

ଭାରତ ଏବେ ବିଶ୍ୱର ପଞ୍ଚମ ବୃହତ୍ତମ ଅର୍ଥନୀତିରେ ପରିଣତ ହୋଇଛି ଏବଂ ଖୁବ୍‌ଶୀଘ୍ର ତୃତୀୟ ସ୍ଥାନରେ ପହଞ୍ଚିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି । ଆଗାମୀ ୫ ବର୍ଷ ସୁବର୍ଣ୍ଣ ଭାରତ ଗଠନରେ ନିର୍ଣ୍ଣାୟକ ସମୟ ହେବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଏହି ଅବସରରେ ବିଗତ ୧୦ ବର୍ଷରେ ଏନ୍‌ଡିଏ ସରକାରଙ୍କ ପକ୍ଷରୁ ନିଆଯାଇଥିବା ଉନ୍ନତିମୂଳକ ପଦକ୍ଷେପ ଉପରେ ପ୍ରଧାନମନ୍ତ୍ରୀ  ଆଲୋକପାତ କରିଥିଲେ । ପ୍ରଧାନମନ୍ତ୍ରୀ ଆଜି ଓଡ଼ିଶା ଗସ୍ତରେ ଆସି ପ୍ରଥମେ ବାରିପଦାର ଛଉପଡ଼ିଆ ଠାରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିଛନ୍ତି । ଓଡ଼ିଶାରେ ଆହୁରି ଅନେକ କଲ୍ୟାଣମୂଳକ କାର୍ଯ୍ୟ କରିବାକୁ ରହିଛି ଏବଂ ପାଇଁ ବିଜେପିକୁ ଦାୟିତ୍ୱ ଦେବାକୁ ସେ ଉପସ୍ଥିତ ଜନସାଧାରଣଙ୍କୁ ଆହ୍ୱାନ ଦେଇଛନ୍ତି ।

ପ୍ରଧାନମନ୍ତ୍ରୀ ଆଜି ବାଲେଶ୍ୱର ଏବଂ କେନ୍ଦ୍ରାପଡ଼ାଠାରେ ମଧ୍ୟ ବିଜୟ ସଂକଳ୍ପ ସମାବେଶରେ ଯୋଗଦେବେ ।

କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ୍‌ଗେ ମଧ୍ୟ ଆଜି ଓଡ଼ିଶାର ବାଲେଶ୍ୱର, ଭଦ୍ରକ ଏବଂ ଚାନ୍ଦବାଲିରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିବେ ।

## କ୍ୟାବିନେଟ୍ ସେକ୍ରେଟାରୀ ଆପଏଣ୍ଟମେଣ୍ଟ

ନିଯୁକ୍ତି ସଂକ୍ରାନ୍ତ କ୍ୟାବିନେଟ୍ କମିଟି ଆଇଏଏସ୍ ପ୍ରଦୀପ କୁମାର ତ୍ରିପାଠୀଙ୍କୁ ଲୋକପାଳ ସଚିବ ଭାବେ ନିଯୁକ୍ତି ଦେବା ପାଇଁ ଅନୁମୋଦନ କରିଛି ।

ଆସନ୍ତା ଜୁନ୍ ମାସ ୩୦ ତାରିଖ ପର୍ଯ୍ୟନ୍ତ ସେ ଏହି ଦାୟିତ୍ୱରେ ରହିବେ । ସେହିଭଳି ଷ୍ଟାଫ୍ ସିଲେକ୍ସନ କମିଶନର ଅଧ୍ୟକ୍ଷ ଭାବେ ଆଇଏଏସ୍ ରାକେଶ ରଂଜନଙ୍କ ନିଯୁକ୍ତି ମଧ୍ୟ କମିଟି ଅନୁମୋଦନ କରିଛି । କମିଟି ନେଇଥିବା ନିଷ୍ପତ୍ତି ଅନୁଯାୟୀ ଅମିତ ଯାଦବଙ୍କୁ ସାମାଜିକ ନ୍ୟାୟ ଓ ସଶକ୍ତିକରଣ ବିଭାଗର ଅଫିସର ଅନ୍ ସ୍ପେଶାଲ୍ ଡିଉଟି ଭାବେ ନିଯୁକ୍ତ କରାଯାଇଛି । ଆସନ୍ତା ଜୁଲାଇମାସ ୩୧ ତାରିଖରେ ବର୍ତ୍ତମାନର ସଚିବ ଥିବା ସୌରଭ ଗର୍ଗଙ୍କ ଅବସର ପରେ ଶ୍ରୀ ଯାଦବ ବିଭାଗୀୟ ସଚିବ ଭାବେ ଦାୟିତ୍ୱ ନିର୍ବାହ କରିବେ । ଅନ୍ୟମାନଙ୍କ ମଧ୍ୟରେ ରାଜକୁମାର ଗୋଏଲଙ୍କୁ ଆଇନ ଓ ନ୍ୟାୟ ମନ୍ତ୍ରଣାଳୟର ସଚିବ ଭାବେ ଦାୟିତ୍ୱ ଅର୍ପଣ କରାଯାଇଛି । ପୂର୍ବରୁ ସେ ଗୃହ ମନ୍ତ୍ରଣାଳୟର ସୀମା ପରିଚାଳନା ବିଭାଗର ସଚିବ ଭାବେ କାର୍ଯ୍ୟରତ ଥିଲେ । ରାଜେନ୍ଦ୍ର କୁମାରଙ୍କ ସୀମା ପରିଚାଳନା ବିଭାଗର ସଚିବ ଭାବେ ନିଯୁକ୍ତିକୁ କମିଟି ଅନୁମୋଦନ କରିଛି ।

## ଇଏଏମ୍-ୟୁଏନ୍ ପିସ୍ ମେକର୍ସ

ଅନ୍ତର୍ଜାତୀୟ ଜାତିସଂଘ ଶାନ୍ତିଦିବସ ପାଳନ ଅବସରରେ ବୈଦେଶିକମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଶାନ୍ତି ପାଇଁ କାର୍ଯ୍ୟ କରୁଥିବା ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଡକ୍ଟର ଜୟଶଙ୍କର ସଂଘର୍ଷ ପ୍ରଭାବିତ ଅଞ୍ଚଳରେ ଶାନ୍ତି ଓ ନିରାପତ୍ତା ବଜାୟ ରଖିବା ପାଇଁ ନିଜକୁ ଉତ୍ସର୍ଗ କରିଥିବା ସମସ୍ତଙ୍କର ବୀରତ୍ୱକୁ ସେ ପ୍ରଣାମ କରିଛନ୍ତି । ମିଳିତ ଜାତିସଂଘର ଶାନ୍ତିରକ୍ଷା ପାଇଁ ଯେଉଁମାନେ ସର୍ବୋଚ୍ଚ ବଳିଦାନ ଦେଇଛନ୍ତି, ସେମାନଙ୍କୁ ମଧ ଶ୍ରୀ ଜୟଶଙ୍କର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି ।

# କେଜରିଓ୍ୱାଲ

ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିଓ୍ୱାଲଙ୍କ ଅନ୍ତରିଣ ଜାମିନ ଅବଧିକୁ ଆଉ ୭ ଦିନ ବୃଦ୍ଧି କରିବା ସଂକ୍ରାନ୍ତ ଆବେଦନ ଉପରେ ତୁରନ୍ତ ଶୁଣାଣି କରିବାକୁ ସୁପ୍ରିମକୋର୍ଟ ରେଜିଷ୍ଟ୍ରି ଗ୍ରହଣ କରି ନାହାନ୍ତି । ସ୍ୱାସ୍ଥ୍ୟଗତ ସମସ୍ୟାକୁ ଆଧାର କରି ଶ୍ରୀ କେଜରିଓ୍ୱାଲ ଏହି ଆବେଦନ କରିଥିଲେ । ରେଜିଷ୍ଟ୍ରି କହିଛି ନିୟମିତ ଜାମିନ ପାଇଁ ନିମ୍ନ ଅଦାଲତକୁ ଯିବାର ସ୍ୱାଧୀନତା ତାଙ୍କ ପାଖରେ ରହିଥିବାରୁ ଏହି ଆବେଦନ ବିଚାରଯୋଗ୍ୟ ନୁହେଁ । ଗତ ୧୦ ତାରିଖରେ ସୁପ୍ରିମକୋର୍ଟଙ୍କ ଖଣ୍ଡପୀଠ ଜଷ୍ଟିସ୍ ସଂଜୀବ ଖାନ୍ନା ଏବଂ ଜଷ୍ଟିସ୍ ଦୀପଙ୍କର ଦତ୍ତ' ଶ୍ରୀ କେଜରିଓ୍ୱାଲଙ୍କୁ ଆସନ୍ତା ଜୁନ୍‌ମାସ ପହିଲା ପର୍ଯ୍ୟନ୍ତ ଅନ୍ତରୀଣ ଜାମିନ ପ୍ରଦାନ କରିଥିଲେ । ନିର୍ଦ୍ଦେଶ ଅନୁଯାୟୀ ଜୁନ୍ ୨ ତାରିଖରେ ଶ୍ରୀ କେଜରିଓ୍ୱାଲଙ୍କୁ ତିହାର ଜେଲ୍‌ରେ ଆତ୍ମସମର୍ପଣ କରିବାକୁ କୁହାଯାଇଛି ।

ଅନ୍ୟପକ୍ଷରେ ଦିଲ୍ଲୀ ଅବକାରୀ ଦୁର୍ନୀତି ସହ ଜଡ଼ିତ ଆର୍ଥିକ ହେରଫେର ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଦ୍ୱାରା କେଜରିଓ୍ୱାଲଙ୍କ ଗିରଫଦାରୀର ବୈଧତାକୁ ଚ୍ୟାଲେଞ୍ଜ କରି ଆଗତ ଆବେଦନ ଉପରେ ସୁପ୍ରିମକୋର୍ଟଙ୍କ ଖଣ୍ଡପୀଠ ଗତ ୧୭ ତାରିଖରେ ଶୁଣାଣି କରି ରାୟକୁ ସଂରକ୍ଷିତ ରଖିଛନ୍ତି । ଏହି ପରିପ୍ରେକ୍ଷୀରେ ଅନ୍ତରୀ ଜାମିନ ବୃଦ୍ଧି ପାଇଁ କେଜରିଓ୍ୱାଲଙ୍କ ଆବେଦନ ଗ୍ରହଣୀୟ ନୁହେଁ ବୋଲି ସୁପ୍ରିମକୋର୍ଟ ରେଜିଷ୍ଟ୍ରି ସ୍ପଷ୍ଟ କରିଛି ।

# ଟିଏନ୍-ଚାଇଲ୍ଡ ସେଲିଂ ର୍ୟାକେଟ୍

ତେଲଙ୍ଗାନାରେ ଏକ ଆନ୍ତଃରାଜ୍ୟ ଶିଶୁ ବିକ୍ରି ର୍ୟାକେଟ୍‌ରେ ସଂପୃକ୍ତି ଅଭିଯୋଗରେ ପୋଲିସ୍ ୧୧ ଜଣଙ୍କୁ ଗିରଫ କରିଛି । ରାଚକୋଣ୍ଡା

ପୋଲିସ୍ କମିଶନର ତରୁଣ ଯୋଶୀ ଏ ସଂପର୍କରେ ସୂଚନା ଦେଇ କହିଛନ୍ତି ସେମାନେ ତେଲଙ୍ଗାନା ଏବଂ ଆନ୍ଧ୍ରପ୍ରଦେଶରେ ୧ ଲକ୍ଷ ୮୦ ହଜାରରୁ ସାଢ଼େ ୫ ଲକ୍ଷ ଟଙ୍କା ମୂଲ୍ୟର ଶିଶୁଙ୍କୁ ବିକ୍ରି କରୁଥିଲେ । ଦିଲ୍ଲୀ ଏବଂ ପୁଣେ ସମେତ ବିଭିନ୍ନ ସ୍ଥାନରୁ ଅଣାଯାଇଥିବା ଏହି ଶିଶୁଙ୍କୁ ତେଲଙ୍ଗାନା ଏବଂ ଆନ୍ଧ୍ରପ୍ରଦେଶର ସନ୍ତାନହୀନ ଦମ୍ପତିଙ୍କୁ ବିକ୍ରି କରାଯାଉଥିବା ସୂଚନା ଆଧାରରେ ପୋଲିସ୍ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଛି ବୋଲି ସେ କହିଛନ୍ତି। ପ୍ରାୟ ୧୩ ଜଣ ଶିଶୁଙ୍କ ସେମାନଙ୍କ କବଳରୁ ଉଦ୍ଧାର କରାଯାଇଥିବା ଜଣାପଡ଼ିଛି ।

## ବିହାର କ୍ୟାମ୍ପେନିଂ

ବିହାରରେ ମଧ୍ୟ ନିର୍ବାଚନ ପାଇଁ ପ୍ରଚାର ଜୋର ଧରିଛି । ଆସନ୍ତା ଶନିବାର ଦିନ ସେଠାରେ ୮ଟି ସଂସଦୀୟ କ୍ଷେତ୍ର ପାଇଁ ମତ ଗ୍ରହଣ କରାଯିବ । ବରିଷ୍ଠ ବିଜେପି ନେତା ତଥା ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ ଆଜି ଏନ୍‌ଡିଏ ପ୍ରାର୍ଥୀଙ୍କ ସପକ୍ଷରେ କରାକଟ ସଂସଦୀୟ କ୍ଷେତ୍ରର ବିକ୍ରମଗଞ୍ଜ ଠାରେ ଏକ ସାଧାରଣସଭାକୁ ସମ୍ବୋଧନ କରିଛନ୍ତି । ବକ୍ସର ଏବଂ ପାଟନା ସାହିବ ଲୋକସଭା ନିର୍ବାଚନ କ୍ଷେତ୍ରରେ ମଧ ଶ୍ରୀ ସିଂ ଜନସମାବେଶରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି ।

ଲୋକଜନଶକ୍ତି ପାର୍ଟି(ରାମବିଲାଶ)ର ମୁଖ୍ୟ ଚିରାଗ ପାଶ୍ୱାନ ସସାରାମ ସଂସଦୀୟ ନିର୍ବାଚନ ମଣ୍ଡଳୀର ଚେନାରୀ ଠାରେ ଏକ ଜନସଭାକୁ ସମ୍ବୋଧନ କରିଛନ୍ତି । ଆର୍‌ଜେଡି ସୁପ୍ରିମୋ ଲାଲୁପ୍ରସାଦ ଯାଦବ ପାଟଳୀପୁତ୍ର ନିର୍ବାଚନ ମଣ୍ଡଳୀରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର

କରିଛନ୍ତି। ଆର୍‌ଜେଡି ନେତା ତେଜସ୍ୱୀ ଯାଦବ ମଧ୍ୟ ବିହାରର ବିଭିନ୍ନ ସ୍ଥାନରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାରକୁ ଓହ୍ଲାଇଛନ୍ତି ।

## ଛତିଶଗଡ଼ ଏନକାଉଣ୍ଟର

ଛତିଶଗଡ଼ର ବିଜାପୁର ଜିଲ୍ଲାରେ ଆଜି ସୁରକ୍ଷା ବାହିନୀ ସହ ଗୁଳି ବିନିମୟରେ ୨ ଜଣ ମାଓବାଦୀଙ୍କର ମୃତ୍ୟୁ ଘଟିଛି । ସେମାନଙ୍କ ମଧ୍ୟରେ ଜଣେ ମହିଳା ଅନ୍ତର୍ଭୁକ୍ତ । ବଡ଼େପଡ଼ା ଜଙ୍ଗଲରେ ସୁରକ୍ଷାକର୍ମୀ ଏବଂ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା । ମୃତ ମହିଳା ମାଓବାଦୀଙ୍କ ଉପରେ ୮ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରାଯାଇଥିଲା । ପୋଲିସ୍ ଘଟଣାସ୍ଥଳରୁ ଅସ୍ତ୍ରଶସ୍ତ୍ର ସହ  ଅନ୍ୟାନ୍ୟ ମାଓ ସାମଗ୍ରୀ ଜବତ କରିଛି ।

## ଜିଡିପି ଗ୍ରୋଥ୍

୨୦୨୩-୨୪ ଆର୍ଥିକ ବର୍ଷର ଚତୁର୍ଥ ତ୍ରୟମାସରେ ଦେଶର ଜି.ଡି.ପି. ଅଭିବୃଦ୍ଧି ୭ ଦଶମିକ ୪ ପ୍ରତିଶତ ରହିଥିବା ବେଳେ ସାମଗ୍ରୀକ ଅଭିବୃଦ୍ଧି ୮ ପ୍ରତିଶତ ହୋଇପାରେ ବୋଲି ଭାରତୀୟ ଷ୍ଟେଟ୍‌ବ୍ୟାଙ୍କ କହିଛି । ଏସ୍‌ବିଆଇର ଅର୍ଥନୈତିକ ଗବେଷଣା ବିଭାଗ ଦ୍ୱାରା ପ୍ରସ୍ତୁତ ଏକ ରିପୋର୍ଟ ଅନୁଯାୟୀ ଭାରତର ଅଭିବୃଦ୍ଧି ବିଶ୍ୱ ଅର୍ଥନୈତିକ ସ୍ଥିରତାର ସମ୍ଭାବ୍ୟ ପ୍ରଭାବ ଉପରେ ପର୍ଯ୍ୟବେକ୍ଷିତ। ଉଭୟ ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳରେ କ୍ରମାଗତ ଅଭିବୃଦ୍ଧି ଧାରା ଏହି ରିପୋର୍ଟରେ ସ୍ଥାନୀତ କରାଯାଇଛି । ଡିଜେଲ୍ ବ୍ୟବହାର ଏବଂ ଦୁଇଚକିଆ ଯାନ ବୃଦ୍ଧି ପାଉଥିବାରୁ ଗ୍ରାମୀଣ ଅର୍ଥନୈତିକ

ସୂଚକାଙ୍କରେ ସକାରାତ୍ମକ ଧାରା ଦେଖିବାକୁ ମିଳୁଛି ବୋଲି ଏହି ରିପୋର୍ଟରେ କୁହାଯାଇଛି ।

## ଏନ୍ଆଇଏ-ଟ୍ରାଫିକିଂ

ଦେଶର ଉତ୍ତର-ପୂର୍ବ ସୀମାରେ ବାଙ୍ଗଲାଦେଶ ନାଗରିକ ଏବଂ ରୋହିଙ୍ଗ୍ୟାଙ୍କ ଚୋରାଚାଲାଣ ମାମଲାରେ ଜାତୀୟ ତଦନ୍ତକାରୀ ସଂସ୍ଥା-ଏନ୍ଆଇଏ ଜଣଙ୍କୁ ଗିରଫ କରିଛି । ଏନ୍ଆଇଏ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଆସାମ ସ୍ୱତନ୍ତ୍ର ତଦନ୍ତକାରୀ ଦଳ ପୂର୍ବରୁ ଏହି ମାମଲାରେ ୩୩ ଜଣଙ୍କୁ ଗରିଫ କରିଛି । ତେବେ ଏନଆଇଏ ଗିରଫ କରିଥିବା ତ୍ରିପୁରାର ଏହି ବାସିନ୍ଦା ଚୋରା ଚାଲାଣ ମାମଲାର ମୁଖ୍ୟ ବୋଲି କୁହାଯାଉଛି । ଭାରତ-ବାଙ୍ଗଲାଦେଶ ସୀମାର ଦୁର୍ଗମ ଅଞ୍ଚଳ ଦେଇ ପ୍ରତିମାସରେ ବହୁସଂଖ୍ୟକ ବାଙ୍ଗଲାଦେଶୀ ନାଗରିକ ଏବଂ ରୋହିଙ୍ଗ୍ୟାଙ୍କୁ ଭାରତକୁ ଚାଲାଣ କରାଯାଉଛି ବୋଲି ଏନ୍ଆଇଏ କହିଛି ।

## ନେଦରଲ୍ୟାଣ୍ଡ-ପିଏମ୍

ନେଦରଲ୍ୟାଣ୍ଡର ଗୁଇନ୍ଦା ସେବାର ପୂର୍ବତନ ମୁଖ୍ୟ ଡିକ୍ ସ୍କୋଫ୍ ନେଦରଲ୍ୟାଣ୍ଡର ପରବର୍ତ୍ତୀ ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିବେ । ସେ ଗିର୍ଟ ୱାଇଲଡର୍ସଙ୍କ କଠୋର ଦକ୍ଷିଣପନ୍ଥୀ ଫ୍ରିଡମ୍ ପାର୍ଟିର ନେତୃତ୍ୱ ନେବେ । ୬୭ ବର୍ଷୀୟ ସ୍କୋଫ୍ ନ୍ୟାୟ ମନ୍ତ୍ରଣାଳୟର ଶୀର୍ଷ ପ୍ରଶାସନିକ ଅଧିକାରୀ ଭାବେ ଦାୟିତ୍ୱ ସମ୍ପାଦନ କରିଥିବା ବେଳେ ତାଙ୍କର ବର୍ତ୍ତମାନ କୌଣସି ଦଳୀୟ ସଂପୃକ୍ତ ନାହିଁ ବୋଲି କୁହାଯାଇଛି ।

## ଇ.ସି. - ଭୋଟର୍ସ

ନିର୍ବାଚନ ଆୟୋଗ କହିଛନ୍ତି, ଗତ ଷଷ୍ଠ ପର୍ଯ୍ୟାୟ ଭୋଟଗ୍ରହଣରେ ୭ କୋଟି ୫ ଲକ୍ଷ ୪୪ ହଜାର ୯୩୩ ଜଣ ମତଦାତା ସେମାନଙ୍କର ମତାଧିକାର ସାବ୍ୟସ୍ତ କରିଛନ୍ତି । ଏହି ପର୍ଯ୍ୟାୟରେ ଅନୁଷ୍ଠିତ ୫୮ଟି ସଂସଦୀୟ କ୍ଷେତ୍ର ପାଇଁ ମତଦାନ ୬୩ ଦଶମିକ ୩/୭ ପ୍ରତିଶତ ହୋଇଥିବା ଆୟୋଗ କହିଛି । ତେବେ ପୋଷ୍ଟାଲ୍ ବାଲାଟ୍ ଜରିଆରେ ମତଦାନର ଗଣତି ଚାଲିଛି ଏବଂ ଏହାପରେ ଏହି ପର୍ଯ୍ୟାୟ ପାଇଁ ମୋଟ୍ ମତଦାନ ପ୍ରକାଶ କରାଯିବ ।

## ପାକିସ୍ତାନ - ନୱାଜ ସରିଫ୍

୧୯୯୯ ମସିହାରେ ଭାରତ ସହ ହୋଇଥିବା ଚୁକ୍ତିନାମାକୁ ଇସ୍ଲାମାବାଦ ଉଲ୍ଲଙ୍ଘନ କରିଛି ବୋଲି ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ନୱାଜ ସରିଫ୍ କହିଛନ୍ତି । ଗତକାଲି ପାକିସ୍ତାନ ମୁସ୍ଲିମ୍ ଲିଗ୍ର ସାଧାରଣ ପରିଷଦ ବୈଠକରେ ଉଦ୍‌ବୋଧନ ଦେବା ଅବସରରେ ସେ ଏହା କହିଛନ୍ତି । ସେ କହିଛନ୍ତି, ୧୯୯୮ ମସିହା ମଇ ୨୮ ତାରିଖରେ ପାକିସ୍ତାନ ପରମାଣୁ ପରୀକ୍ଷଣ କରିଥିଲା । ଏହି ପରିପ୍ରେକ୍ଷୀରେ ଭାରତର ତତ୍କାଳୀନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ଲାହୋର ଗସ୍ତ କରି ଦ୍ୱିପକ୍ଷୀୟ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ୧୯୯୯ ଫେବୃୟାରୀ ୨୧ ତାରିଖରେ ଦୁଇପକ୍ଷ ମଧ୍ୟରେ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା । ଦୁଇ ଦେଶ ମଧ୍ୟରେ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ପାଳନ ଲକ୍ଷ୍ୟରେ ଏହି ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା । ତେବେ

ଚୁକ୍ତିର ଅଳ୍ପ ଦିନ ପରେ ଜମ୍ମୁ-କାଶ୍ମୀରର କାର୍ଗିଲ୍ ଜିଲ୍ଲାକୁ ପାକିସ୍ତାନ ସେନା ପ୍ରବେଶ କରିଥିଲେ, ଯାହାଦ୍ୱାରା କାର୍ଗିଲ୍ ଯୁଦ୍ଧ ହୋଇଥିଲା ।

## ଫ୍ରେଞ୍ଚ ଓପନ୍

ସର୍ବିଆର ଟେନିସ୍ ତାରକା ନୋଭାକ୍ ଜୋକୋଭିଚ୍ ଫ୍ରେଞ୍ଚ ଓପନ୍ ଟେନିସ୍ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି । ଏହି ପର୍ଯ୍ୟାୟରେ ସେ ସ୍ପେନ୍‌ର ରବର୍ଟୋ କାର୍ବାଲେସ୍ ବେନାଙ୍କୁ ଭେଟିବେ । ପ୍ରଥମ ରାଉଣ୍ଡ ମ୍ୟାଚ୍‌ରେ ଜୋକୋଭିଚ୍ ପିଏରେ ହୁଗେଶ୍ ହାର୍ବର୍ଟଙ୍କୁ ପରାସ୍ତ କରିଥିଲେ ।